ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , କଟକ

ନମ୍ବର-୧୦୧୬ / ତା- ୦୫.୧୧.୨୦୨୪

ଟେଣ୍ଡର ନୋଟିସ

ଐତିହାସିକ କଟକ ବାଲିଯାତ୍ରା ଚଳିତବର୍ଷ ତା-୧୫-୧୧-୨୦୨୪ ରିଖ ଠାରୁ ତା-୨୨-୧୧-୨୦୨୪ ରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବା ଉକ୍ତ ଉତ୍ସବ ନିମନ୍ତେ ତା ୧୩-୧୧-୨୦୨୪ ରିଖ ଠାରୁ ୨୯ -୧୧-୨୦୨୪ ରିଖ ପର୍ଯ୍ୟନ୍ତ ଜିଲ୍ଲା ପ୍ରଶାସନ କଟକଙ୍କ ତରଫରୁ ସଫେଇ ଓ ପରିମଳ କାର୍ଯ୍ୟ ନିମନ୍ତେ ରେଜିଷ୍ଟ୍ରି ଭୁକ୍ତ ଶ୍ରମିକ ଠିକାଦାର / ସଫେଇ କାର୍ଯ୍ୟରେ ଅଭିଜ୍ଞ ସଂସ୍ଥାମାନଙ୍କ ଠାରୁ ଏହି କାର୍ଯ୍ୟ ପରିଚାଳନା ନିମନ୍ତେ କୋଟେସନ (ଜଉମୁଦ) ଆହ୍ୱାନ କରାଯାଉଅଛି । ଆବେଦନକାରି ମାନେ ଉପର ଓ ତଳ ବାଲିଯାତ୍ରା ପଡ଼ିଆର ସଂଲଗ୍ନ ସ୍ଥାନର ସଫେଇ କାର୍ଯ୍ୟ ପାଇଁ ପୃଥକ ପୃଥକ କୋଟେସନ ଓ ଦରକାରୀ କାଗଜପତ୍ର ଦାଖଲ କରିବେ. ଉପର ପଡିଆ ପାଇଁ (ଜଉମୁଦ) କୋଟେସନ (କ) ଓ ତଳ ପଡିଆ ପାଇଁ (ଜଉମୁଦ) କୋଟେସନ (ଖ) ବୋଲି ଉଲ୍ଲେଖ କରିବେ । ଜଣେ ଆବେଦନକାରି ଉପର ଓ ତଳ ପଡିଆ ପାଇଁ ଆବେଦନ କରିପାରିବେ। ଆବେଦନକାରୀ କୋଟେସନ ଦାଖଲ ପୂର୍ବରୁ କାର୍ଯ୍ୟର ସବିଶେଷ ବିବରଣୀ ଓ ଶୈଳୀ ବିଷୟରେ ସ୍ୱାସ୍ଥ୍ୟ ଅଧିକାରୀ , କଟକ ମହାନଗର ନିଗମଙ୍କ ଠାରୁ ତା-୦୮-୧୧-୨୦୨୪ ରିଖ ସୁଦ୍ଧା ଅବଗତ ହେବେ। ଆବେଦନକାରୀ ମାନେ ସେମାନଙ୍କ କୋଟେସନ କାଗଜ ଗୁଡିକୁ ଜଉମୁଦ କରାଇ ରେଜିଷ୍ଟ୍ରି ପୋଷ୍ଟ /ସ୍ପିଡ଼ ପୋଷ୍ଟ ବା କୋରିୟର ସର୍ଭିସ ମାଧ୍ୟମରେ ଜିଲ୍ଲାପାଳ , କଟକଙ୍କୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ , ଚାନ୍ଦିନୀଚୌକ , କଟକ -୭୫୩୦୦୨ ଠିକଣାରେ ରେ ଦାଖଲ କରିପାରିବେ। ଉକ୍ତ କୋଟେସନ କାଗଜ ଗୁଡିକ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତା-୧୨-୧୧-୨୦୨୪ ଅପରାହ୍ନ ୩ ଘଟିକାରେ ପହଂଚିବା ଦରକାର, ଅନ୍ୟଥା ଏହା ଗ୍ରହଣ କରାଯିବ ନାହିଁ । ଇଚ୍ଛୁକ ସଂସ୍ଥାମାନେ ଏହି କାର୍ଯ୍ୟର ସୁପରିଚାଳନା ନିମନ୍ତେ ସମସ୍ତ କାର୍ଯ୍ୟର ସର୍ତ୍ତାବଳୀ ସ୍ୱାସ୍ଥ୍ୟ ଅଧିକାରୀ , କଟକ ମହାନଗର ନିଗମଙ୍କ ଠାରୁ ଅବଗତ ହୋଇପାରିବେ । ସମ୍ପୃକ୍ତ ସଂସ୍ଥା ନିମ୍ନଲିଖିତ ବିବରଣୀ ସହ ଦରଖାସ୍ତ ଦାଖଲ କରିବେ ।

ସଫେଇ କାର୍ଯ୍ୟ ବାଲିଯାତ୍ରା ପୂର୍ବରୁ ୨ (ଦୁଇ) ଦିନ ଓ ପରେ ୭ (ସାତ) ଦିନ ମୋଟା ୧୭ (ସତର) ଦିନ କରାଯିବ । ନିର୍ଦ୍ଧାରିତ ସମୟ ଅବଧିରେ ଉଭୟ ପଡିଆକୁ ସମ୍ପୂର୍ଣ୍ଣ ସଫାକରି ଏହାର ପ୍ରମାଣ ସ୍ୱରୂପ ଫଟୋ ବିଲରେ ସଂଲଗ୍ନ କରିବେ । ଆବେଦନକାରୀ କୋଟେସନ ଦାତା ଅଥବା ସେମାନଙ୍କର କ୍ଷମତାପ୍ରାପ୍ତ ଅଧିକାରୀମାନେ ତା – ୧୨-୧୧-୨୦୨୪ ରିଖ ଅପରାହ୍ନ ୪ ଘଟିକା ସମୟରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କଟକଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଉପସ୍ଥିତ ରହି କୋଟେସନ ଖୋଲିବା ଓ ସମାପନ କାର୍ଯ୍ୟରେ ସହଯୋଗ କରିବେ ।

ପ୍ରକାଶ ଥାଉକି ଅତିରିକ୍ତ ଜିଲ୍ଲାପାଳ (ସାଧାରଣ), କଟକ କୌଣସି କାରଣ ନ ଦର୍ଶାଇ ଟେଣ୍ଡର କୁ ବାତିଲ କରିପାରିବେ ।

କୋଟେସନ ପାଇଁ ସହ ଆବଶ୍ୟକ ଦସ୍ତାବିଜ

୧ . ଜି . ଏସ . ଟି . ସାର୍ଟିଫିକେଟ

୨ . ଲେବର ଲାଇସେନ୍ସ

୩ . ପ୍ୟାନ ନମ୍ବର

୪ . ଏପରି ସଫେଇ କାର୍ଯ୍ୟର ପୂର୍ବ ଅଭିଜ୍ଞତା ପ୍ରମାଣପତ୍ର

୫ . ଦରଖାସ୍ତ କରାଯାଇଥିବା ସ୍ଥାନ (ଉପର ପଡିଆ / ତଳ ପଡିଆ ଏବଂ ତତ ସଂଲଗ୍ନ ସ୍ଥାନ)

୬ . ପ୍ରତ୍ୟେହ ଏକାବେଳା ସଫେଇ ସକାଳ ୬ ଘଟିକାରୁ ଦିନ ୨ ଘଟିକା ଏବଂ ପ୍ରତ୍ୟେହ ଉପରବେଳା ଅଳିଆ ଗୋଟାଳି ପାଇଁ ଦିନ ୨ ଘଟିକା ଠାରୁ ରାତ୍ର ୧୦ ଘଟିକା ଏବଂ ରାତ୍ର ୧୦ ଘଟିକା ଠାରୁ ସକାଳ ୬ ଘଟିକା ପର୍ଯ୍ୟନ୍ତ ସଫେଇ କର୍ମଚାରୀଙ୍କ ନିୟୋଜିତ ସଂଖ୍ୟା

୭ . ମୋଟ ୧୭ ଦିନର ସଫେଇ ପାଇଁ ଟଙ୍କା ପରିମାଣ (ଉଭୟ ଅକ୍ଷର ଓ ଅଙ୍କରେ)

୮ . ଟେଣ୍ଡର ପେପର ମୂଲ୍ୟ ଟ . ୧୧,୮୦୦ /- (ଏଗାର ହଜାର ଆଠ ଶହ ଟଙ୍କା) ମାତ୍ର + ଜି . ଏସ . ଟି .(ଅଣ ଫେରସ୍ତ) ବ୍ୟାଙ୍କ ଡ୍ରାଫ୍ଟ ଜାତୀୟ କରଣ ବ୍ୟାଙ୍କରୁ ଜିଲ୍ଲାପାଳ କଟକଙ୍କ ନାମରେ କରିବେ ।

୯ . ଅମାନତ ରାଶି ବାବଦକୁ ଟ . ୫୧,୦୦୦ /- (ଏକାବନ ହଜାର ଟଙ୍କା) ମାତ୍ର (ଫେରସ୍ତ)ର ବ୍ୟାଙ୍କ ଡ୍ରାଫ୍ଟ ଜିଲ୍ଲାପାଳ କଟକଙ୍କ ନାମରେ କରିବେ ଜାତୀୟ କରଣ ବ୍ୟାଙ୍କରୁ ଦାଖଲ କରିବେ ।

୧୦ . ସଫେଇ କର୍ମଚାରୀଙ୍କ ସ୍ୱତନ୍ତ୍ର ଚିହ୍ନିତ ପୋଷାକ (ସଂସ୍ଥାର ଲୋଗୋ) ସହ ବାଧ୍ୟତାମୂଳକ ଅଟେ।

୧. କାର୍ଯ୍ୟର ବିବରଣୀ ବାଲିଯାତ୍ରା (୮ ଦିନ)

(କ) ଉପର ପଡିଆ :- ସମଗ୍ର ଉପର ପଡିଆ , ବାରବାଟୀ ଷ୍ଟାଡ଼ିଅମ ସମ୍ମୁଖ ରାସ୍ତା , ଆର୍ମି ରିକ୍ରୁଟମେଣ୍ଟ ଅଫିସ ସମ୍ମୁଖ ରାସ୍ତା , ବାରବାଟୀ ଦୁର୍ଗ ରାସ୍ତା , ଗଡଗଡିଆ ମନ୍ଦିର ପାର୍ଶ୍ୱ ରାସ୍ତା

(ଖ) ତଳ ପଡିଆ :- ସମଗ୍ର ତଳ ପଡିଆ ଓ କ୍ୟାଣ୍ଟନମେଣ୍ଟ ଥାନା ଠାରୁ ମାତାମଠ ଛକ ପର୍ଯ୍ୟନ୍ତ ରାସ୍ତା , କଟକ ଇନ କଟକ , ନଦୀ କୂଳ ଓ ସମସ୍ତ ପାର୍କିଂ ପ୍ଲେସ ଓ ସିଲଭର ସିଟି ବୋଟ କ୍ଲବ ରାସ୍ତା

(ଗ) ଦୈନିକ ୬୦୦ (୨୦୦ ସଫେଇ କର୍ମଚାରୀ ଉପର ପଡିଆ ଏବଂ ୪୦୦ ସଫେଇ କର୍ମଚାରୀ ତଳ ପଡିଆ) ଜଣ ନିୟୋଜିତ କରି ସଫେଇ କାର୍ଯ୍ୟ , ଦୁଇପାଖ ପଡିଆ ଏବଂ ଚତୁର୍ପାର୍ଶ୍ୱ

(ଘ) ଉପରୋକ୍ତ କାର୍ଯ୍ୟକୁ ତଦାରଖ କରିବା ନିମନ୍ତେ ୧୫ ଜଣ ନିରୀକ୍ଷକ (୫ ଜଣ ନିରୀକ୍ଷକ ୩ ବେଳା) ଦୈନିକ

(ଙ) ଦୈନିକ ଅତିକମରେ ୪୦ ଟ୍ରିପ ଟ୍ରାକ୍ଟର ବର୍ଜ୍ୟବସ୍ତୁ ଉଠାଇବା ପାଇଁ ନିୟୋଜିତ କରିବେ .

(ଚ) ବର୍ଜ୍ୟବସ୍ତୁ ବିଭିନ୍ନ ସ୍ଥାନରୁ ଉଠାଇବା ପାଇଁ ଦୈନିକ ୧୦ ଗୋଟି ବର୍ଜ୍ୟବସ୍ତୁ ଥଳି ବିଭିନ୍ନ ସଫେଇ କର୍ମଚାରୀଙ୍କ ଦ୍ୱାରା ପ୍ରଦାନ କରିବା ହେବେ. (୩୦ ଗୋଟି ଦୈନିକ)

(ଛ) ଦୈନିକ ୬୦୦ ହଳ ଗ୍ଲୋବ୍ସ ଏବଂ ୬୦୦ ଗୋଟି ମାସ୍କ ସଫେଇ କର୍ମଚାରୀଙ୍କୁ ବ୍ୟବହାର ନିମନ୍ତେ ପ୍ରଦାନ କରିବେ .

୨. କାର୍ଯ୍ୟର ବିବରଣୀ ବାଲିଯାତ୍ରାର (୨ ଦିନ ପୂର୍ବ ଏବଂ ୭ ଦିନ ପର) :-

(କ) ଉପର ପଡିଆ ସଫେଇ କାର୍ଯ୍ୟ ନିମନ୍ତେ ୪୦ ଜଣ ସଫେଇ କର୍ମଚାରୀ . ତଳ ପଡିଆ ସଫେଇ କାର୍ଯ୍ୟ ନିମନ୍ତେ ୬୦ ଜଣ ସଫେଇ କର୍ମଚାରୀ . ମୋଟା ୧୦୦ ଜଣ ସଫେଇ କର୍ମଚାରୀ ମୋଟ ୯ ଦିନ ପାଇଁ ଉପର ଓ ତଳ ପଡିଆ ସଫା କରି ସଫେଇ କାର୍ଯ୍ୟର ଫଟୋ ସ୍ୱାସ୍ଥ୍ୟ ଅଧିକାରୀ , କଟକ ମହାନଗର ନିଗମଙ୍କ ନିକଟରେ ଦାଖଲ କରିବେ.

ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) , କଟକ

ଜ୍ଞାପନ ସଂଖ୍ୟା :- ୧୦୧୭ ତା- ୦୫-୧୧-୨୦୨୪

ଏହାର ଏକକିତା ନକଲ ଆୟୁକ୍ତ , କଟକ ମହାନଗର ନିଗମ / ପୌର ଯନ୍ତ୍ରୀ / ସ୍ୱାସ୍ଥ୍ୟ ଅଧିକାରୀ , କଟକ ମହାନଗର ନିଗମଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହାର ନକଲ ସେମାନଙ୍କ କାର୍ଯ୍ୟାଳୟ ସ୍ଥିତ ନୋଟିସ ବୋର୍ଡରେ ସଂଲଗ୍ନ କରି ବ୍ୟାପକ ପ୍ରଚାର ପ୍ରସାର ପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) , କଟକ

ଜ୍ଞାପନ ସଂଖ୍ୟା :- ୧୦୧୮ ତା - ୦୫-୧୧-୨୦୨୪

ଏହାର ଏକକିତା ନକଲ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ , କଟକ /ମଣ୍ଡଳ ଅଧିକାରୀ , ପଞ୍ଚାୟତ ସମିତି ସଦର , କଟକ / ଜିଲ୍ଲା ସଂସ୍କୃତି ଅଧିକାରୀ କଟକ/ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କଟକ / ଜିଲ୍ଲା -ଇ-ଗର୍ଭନାନ୍ସ ଅଧିକାରୀ , କଟକ, ନିଜାରତ ଅଧିକାରୀ , ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, କଟକଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଏହାର ନକଲ ସେମାନଙ୍କ କାର୍ଯ୍ୟାଳୟ ସ୍ଥିତ ନୋଟିସ ବୋର୍ଡରେ ସଂଲଗ୍ନ କରି ବ୍ୟାପକ ପ୍ରଚାର ପ୍ରସାର ପାଇଁ ଅନୁରୋଧ କରାଗଲା . ଜିଲ୍ଲା -ଇ-ଗର୍ଭନାନ୍ସ ଅଧିକାରୀ ଏହି ଟେଣ୍ଡର ନୋଟିସକୁ ଜିଲ୍ଲା ୱେବସାଇଟରେ ବହୁଳ ପ୍ରଚାର ପ୍ରସାର ନିମନ୍ତେ ଉପଲୋଡ କରିବା ପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) , କଟକ